## ସଂକ୍ଷେପରେ



### ଉତ୍ତମ ମଲ୍ଲିକ ସେବା ଟ୍ରଷ୍ଟ ପକ୍ଷରୁ ଶିକ୍ଷକ ସମ୍ମାନିତ

ଗୋବିନ୍ଦପାଲି,୧୩।୧: ମାଲକାନଗିରି ଜିଲାର ଖଇରପୁଟ ବ୍ଲକର ଶିକ୍ଷକ ଦାମୋଦର ସାହୁଙ୍କୁ ଉତ୍ତମ ମଲ୍ଲିକ ସେବା ଟ୍ରଷ୍ଟ ପକ୍ଷରୁ ସମ୍ମାନିତ କରାଯାଇଛି। ଆୟୋଜିତ ଏକ କାର୍ଯ୍ୟକ୍ରମରେ ମାଲକାନଗିରି ବିଧାୟକ ମାନସ ମାଡକାମୀ ତାଙ୍କୁ ସମ୍ମାନିତ କରିଛନ୍ତି। ଶିକ୍ଷକ ସାହୁ ୧୯୯୬ରେ କୋରୁକୋଣ୍ଡା ବ୍ଲକ କୁମ୍ଭାରଗୁଡା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା ଆରମ୍ଭ କରିଥିଲେ। ପରେ ସେ ଖଇରପୁଟ ବ୍ଲକ ଶିଖପାଲି, ତଳଗୌଡ଼ପୁଟ ଓ ମାଡକାପଦର ବିଦ୍ୟାଳୟକୁ ବଦଳି ହୋଇ ଆସିଥିଲେ। ଏବେ ସେ ମାଡକାପଦର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ରେ ଶିକ୍ଷକତା କରୁଛନ୍ତି। ଶିକ୍ଷକତା ସହ ତାଙ୍କର ସମାଜସେବାରେ ମଧ ରଚି ରହିଛି।

■ ଏମ୍.ଭି.-୧୫ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

# ଶିକ୍ଷା ମାନସିକ ବିକାଶ କରିଥାଏ

ମାଲକାନଗିରି,୧୩।୧ (ଡି.ଏନ୍.ଏ.)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ତଣ୍ଡାପାଲି ପଞ୍ଚାୟତ ଏମ୍.ଭି.-୧୫ ଉଚ୍ଚ ବିଦ୍ୟାଳୟ ପରିସରରେ ଗତ ଦୁଇଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିବସରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଓମ୍ ପ୍ରକାଶ ଚୌଧୁରୀ ଓ ଉପସଭାପତି ରଞ୍ଜିକା ବାଗାମି କ୍ରୀଡା ପତାକା ଓ ମଶାଲ ପ୍ରଜ୍ୱଳନ କରି କ୍ରୀଡାର ଶୁଭାରମ୍ଭ କରିଥିଲେ । ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ୩୦ ପ୍ରକାରର କ୍ରୀଡା ଯଥା ଲମ୍ଫଡିଆଁ, ଉଚ୍ଚଡିଆଁ, ଚାମଚ ଦୌଡ, ୧୦୦ ମିଟର ଦୌଡ, ଅଖା ଡିଆଁ ଆଦି କ୍ରୀଡା ହୋଇଥିଲା। ଏତଦ୍‌ବ୍ୟତୀତ ଗ୍ରାମର ଯୁବତୀ ଯୁବକଙ୍କୁ ନେଇ ମ୍ୟୁଜିକ ଚେୟାର, କ୍ରିକେଟ୍ ପ୍ରତିଯୋଗିତା କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ସଭାପତି ଆନନ୍ଦ ମଜୁମଦାର, ମୁଖ୍ୟବକ୍ତା ସୁକୁମାର ପାଲ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ସହ କ୍ରୀଡା ଶରୀର ଏବଂ ମାନସିକ ବିକାଶ ପାଇଁ ଅତ୍ୟନ୍ତ ଆବଶ୍ୟକ । ଏହା ସେମାନଙ୍କୁ ସମାଜରେ ପ୍ରତିଷ୍ଠିତ କରିଥାଏ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁଧୀର ରଞ୍ଜନ ସିକଦାର, ଶିକ୍ଷକ ବିଷ୍ଣୁପଦ ବୈଦ୍ୟ, ନିରଞ୍ଜନ ପଣ୍ଡା, ଅଞ୍ଜଳି ସିଲ, ରବୀନ୍ଦ୍ର କୁମାର ଦାସ, ସ୍ୱର୍ଣ୍ଣଲତା ସାହୁ, ମମତା ପଣ୍ଡା, ସବିତା ସେଠୀ, ମାଧବୀ ପରମାଣିକ, ଆନ୍ନା ପଦ୍ଦାର, ଉପେନ୍ଦ୍ର ବୁଡେକ, ରେଖାଞ୍ଜଳି ପରିଡା ପ୍ରମୁଖ ପରିଚାଳନା କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



ମଞ୍ଚାସୀନ ଅତିଥିମାନେ ଜଣେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆସିଲି ଏକା, ଯିବି ଏକା;**
**ସାଙ୍ଗରେ ନ ଯିବେ ଘଟି ଆଟିକା ।**

ମଣିଷ ଆସିଥାଏ ଏକା ଯାଇଥାଏ ଏକା। ସଂସାରରୁ ମରି ହଜିଗଲେ ସାଙ୍ଗରେ କିଛି ଧନସମ୍ପତ୍ତି ନେଇଯାଇ ପାରି ନ ଥାଏ। କେବଳ ଅର୍ଜିଥିବା ପୁଣ୍ୟ ଓ ଧର୍ମକୁ ଛାଡ଼ିଦେଲେ ତାକୁ ରିକ୍ତ ବା ଶୂନ୍ୟ ହସ୍ତରେ ଯିବାକୁ ପଡ଼ିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଆସୁଥିଲା କଥା ଲେଉଟି ଗଲା,**
**ଭାଇବୋହୂ ଥାଇ ଅଡୁଆ କଲା।**

ସମୟ ସୁବିଧା ଦେଖି ବ୍ୟକ୍ତି ନିଜ ମନର କଥାକୁ ଅନ୍ୟଆଗରେ ପ୍ରକାଶ କରିଥାଏ। ତେବେ ପାଖରେ ଯଦି କେହି ନିଜ ଲୋକ ବା ଆତ୍ମୀୟ ଉପସ୍ଥିତ ରହିଥାଏ, ତା'ହେଲେ ମନର କଥା ଖୋଲିକରି କହି ହୋଇ ନ ଥାଏ। ପାଖରେ ଲୋକ ଥିଲେ ଗୋପନ କଥା ପ୍ରକାଶ କରିବା ଅତ୍ୟନ୍ତ ବିପଜ୍ଜନକ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ୩୯୨ ଜଣଙ୍କୁ ଚଷମା ବଣ୍ଟନ

ଚିତ୍ରକୋଣ୍ଡା,୧୩।୧: ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅଞ୍ଚଳରେ ଏସାର ଫାଉଣ୍ଡେଶନ ପକ୍ଷରୁ ପୂର୍ବରୁ ଅନୁଷ୍ଠିତ ଚକ୍ଷୁ ଚିକିତ୍ସା ଶିବିରରେ ୩୯୨ ଜଣଙ୍କୁ ଚଷମା ପ୍ରଦାନ କରାଯିବ ବୋଲି ଚକ୍ଷୁ ପରୀକ୍ଷାରୁ ଜଣାପଡିଥିଲା। ଶୁକ୍ରବାର ନୂଆଗୁଡା ପଞ୍ଚାୟତ ଆରଏସସି-୧୧ ଏସାର ଗୋଷ୍ଠୀଗୃହରେ ଫାଉଣ୍ଡେଶନ ପକ୍ଷରୁ ଚିତ୍ରକୋଣ୍ଡା, ଦୋରାଗୁଡା, ଟନେଲକ୍ୟାମ୍ପ ଓ ନୂଆଗୁଡା ପଞ୍ଚାୟତର ସମ୍ପୃକ୍ତ ବ୍ୟକ୍ତିଙ୍କୁ ଚଷମା ପ୍ରଦାନ କରାଯାଇଛି। ଏନେଇ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଫାଉଣ୍ଡେଶନର ବରିଷ୍ଠ ପରିଚାଳକ ସବଳ କୁମାର ଝା ଉପସ୍ଥିତ ଥିଲେ।

## ଭିନ୍ନକ୍ଷମ ସମାନତା, ସଶକ୍ତୀକରଣ ଅଭିଯାନ

ପାଣ୍ଡ୍ରିପାଣି,୧୩।୧

ମାଲକାନଗିରି ଜିଲା ମାଥିଲି ବ୍ଲକ ନାୟକଗୁଡା ପଞ୍ଚାୟତରେ ଥିବା ସ୍ୱାଧୀନତା ସଂଗ୍ରାମୀ ଇର୍ମା ବାକା ସ୍ୱତନ୍ତ୍ର ଅନ୍ଧ ମୂକ ବିଦ୍ୟାଳୟସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟରେ ଭିନ୍ନକ୍ଷମ ସମାନତା, ସଂରକ୍ଷଣ ଓ ସଶକ୍ତୀକରଣ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମାଲକାନଗିରି ଡିଏସଏସଓ ରାଧାରାଣୀ ଦଳାଇ, ବିଏସଏସଓ ପଦ୍ମ ରଞ୍ଜନ ଦାସ, ମାଥିଲି ବିଏସଏସଓ ଜ୍ୟୋତ୍ସ୍ନାରାଣୀ ପାତ୍ର, ପରିଚାଳନା କମିଟି ସଭାପତି ବାମନ ଚନ୍ଦ୍ର ପାଢୀ, ଉପସଭାପତି ଭାସ୍କର ଚନ୍ଦ୍ର ବୁରୁଦା, ବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଫୁଲ୍ଲ ପାଣିଗ୍ରାହୀ, ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ମାଉଣ୍ଟ ଆବୁରୁ ଆସିଥିବା ବି.କେ.ସୂର୍ଯ୍ୟମଣି ଦାଶ ଯୋଗଦେଇ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରାଇଥିଲେ। ଭୁବନେଶ୍ୱର ଓ ମାଲକାନଗିରିର ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବି.କେ. ଜୟନ୍ତୀ, ବି.କେ. ମନୀଷ, ବି.କେ. କବିତା, ବି.କେ.ମିତାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଉପଖଣ୍ଡ ଚିକିତ୍ସାଳୟ ପାଇଁ ସ୍ଥାନ ନିରୂପଣ

ଚିତ୍ରକୋଣ୍ଡା,୧୩।୧

ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ୧୮ଟି ପଞ୍ଚାୟତର ଜନସାଧାରଣ ଚିକିତ୍ସା ପାଇଁ ଚିତ୍ରକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରନ୍ତି। ଗତ ଏକ ବର୍ଷ ହେଲା ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଉପଖଣ୍ଡ ଚିକିତ୍ସାଳୟର ମାନ୍ୟତା ମିଳିଥିଲା। ମାତ୍ର ଏହା କାର୍ଯ୍ୟକାରୀ ହୋଇ ନ ଥିଲା। ଏବେ ଏହି ପ୍ରକ୍ରିୟା ଆରମ୍ଭ ହୋଇଛି। ଜିଲା ପ୍ରଶାସନ ନିର୍ଦ୍ଦେଶରେ ସ୍ୱାସ୍ଥ୍ୟ ବିଭାଗର ସହକାରୀ ଯନ୍ତ୍ରୀ ଚିନ୍ମୟ ମହାପାତ୍ର ଏବଂ କନିଷ୍ଠଯନ୍ତ୍ରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ଉପଖଣ୍ଡ ଚିକିତ୍ସାଳୟ ନିର୍ମାଣ ପାଇଁ ସ୍ଥାନ ନିରୂପଣ କରିଛନ୍ତି। ତହସିଲଦାର ଟି.ପଦ୍ମନାଭ ଦୋରା ଓ ଅତିରିକ୍ତ ତହସିଲଦାର ଚନ୍ଦ୍ରମଣି ସ୍ୱାଇଁଙ୍କ ସହଯୋଗରେ ସ୍ଥାନ ଚିହ୍ନଟ ହୋଇଛି। ଚିତ୍ରକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପ୍ରଶସ୍ତ ସ୍ଥାନ ଥିବାରୁ ଏଠାରେ ଉପଖଣ୍ଡ ଚିକିତ୍ସାଳୟ ନିର୍ମାଣ ହୋଇପାରେ ନଚେତ୍ ନିକଟସ୍ଥ ବେନିଆଗୁଡାରେ କରାଯିବ ବୋଲି ଜଣାପଡିଛି।

## ବିଦ୍ୟାଳୟର ବାର୍ଷିକ ଉତ୍ସବ



ମଞ୍ଚାସୀନ ଅତିଥିମାନେ।

କୁଡୁମୁଲୁଗୁମ୍ମା,୧୩।୧(ଡି.ଏନ.ଏ.)

କୁଡୁମୁଲୁଗୁମ୍ମାସ୍ଥିତ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ଜିଲା ଡିପିଇପି ସଂଯୋଜକ ମାନସ ଜେନା, ମୁଖ୍ୟବକ୍ତା ଅଧ୍ୟାପକ ରଞ୍ଜନ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ରୂପେ ସରପଞ୍ଚ ପହଲା ପାଙ୍ଗି, ସମିତିସଭ୍ୟା ସ୍ମିତାରାଣୀ ପ୍ରେପେକା, ସମାଜସେବୀ ଅର୍ଜୁନ ସାହାଣୀ ଯୋଗ ଦେଇଥିଲେ। ପରିଚାଳନା କମିଟି ସଭାପତି ଦିବାକର ସୁନାଙ୍କ ଅଧକ୍ଷତାରେ ହୋଇଥିବା ଏହି ଉତ୍ସବକୁ ପ୍ରଧାନଶିକ୍ଷକ ବିଜୟ କୁମାର ସାହୁ ପରିଚାଳନା କରିଥିଲେ। ଶିକ୍ଷକ ବଳାରାମ ପୂଜାରୀ, ମହେଶ୍ୱର ମହାରଣା ପରିଚାଳନା କରିଥିଲେ। ସହକାରୀ ଶିକ୍ଷକ ବସନ୍ତ କୁମାର ଅଗସ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷାର ଆବଶ୍ୟକତା ଓ ବିଦ୍ୟାଳୟର ସମସ୍ୟା ସମ୍ପର୍କରେ ମୁଖ୍ୟଅତିଥି ବକ୍ତବ୍ୟ ରଖିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ

ମାଲକାନଗିରି,୧୩।୧ (ଡିଏନ୍.ଏ)

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ ଶ୍ରେଣୀ କଲ୍ୟାଣ ବିଭାଗ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି ମାଲକାନଗିରିଠାରେ ମାଲ୍ୟବନ୍ତ ଅବସରରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି । ସେ ସଦର ମହକୁମାସ୍ଥିତ ଆର.ଟି.ଓ. କାର୍ଯ୍ୟାଳୟ ନିକଟରେ ସ୍ୱୟଂଚାଳିତ ଗାଡ଼ିଚାଳନା ପ୍ରଶିକ୍ଷଣ ଓ ପରୀକ୍ଷଣ ଟ୍ରାକ୍ ଏବଂ ସହକାରୀ ବାଣିଜ୍ୟକର କମିଶନରଙ୍କ କାର୍ଯ୍ୟାଳୟ କର୍ମଚାରୀଙ୍କ ପାଇଁ ସରକାରୀ ବାସଗୃହ ଉଦ୍‌ଘାଟନ କରିଥିଲେ। ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ବସଷ୍ଟାଣ୍ଡ ଭାୟା ଜଗନ୍ନାଥ ମନ୍ଦିର ରାସ୍ତାର ଉନ୍ନତୀକରଣର ଶିଳାନ୍ୟାସ କରିଥିଲେ। ପ୍ରଧାନୀଗୁଡ଼ା ଜଙ୍କସନଠାରୁ ଶିଳ୍ପ ତାଲିମ ଅନୁଷ୍ଠାନ ରାସ୍ତାର ଉନ୍ନତୀକରଣ ଶିଳାନ୍ୟାସ କରିଥିଲେ। ଏହି ଉତ୍ସବରେ ଏମ୍‌ପି ବଳଭଦ୍ର ମାଝି, ମାଲକାନଗିରି ବିଧାୟକ ମାନସ ମାଡ଼କାମି, ଚିତ୍ରକୋଣ୍ଡା ବିଧାୟକ ଡମ୍ବରୁ ଶିଶା, ସ୍ୱତନ୍ତ୍ର ବିକାଶ ପରିଷଦର ଅଧକ୍ଷ ଆଡ଼ମା ରାବାଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



**ସଂକ୍ଷେପରେ**

## ଜିଲାସ୍ତରୀୟ ରେଡକ୍ରସ ତାଲିମ ଶିବିର ଉଦ୍‌ଯାପିତ




ଉମରକୋଟ,୧୩।୧(ଡି.ଏନ.ଏ): ଉମରକୋଟ ବିଜୁ ପଟ୍ଟନାୟକ ମହିଳା ମହାବିଦ୍ୟାଳୟରେ ଆୟୋଜିତ ଜିଲାସ୍ତରୀୟ ୩ ଦିନିଆ ରେଡକ୍ରସ ତାଲିମ ଶିବିର ରବିବାର ଉଦଯାପିତ ହୋଇଯାଇଛି। ରେଡକ୍ରସ ଅନୁଶାସନର ତାଲିମ ସହ ସେବାରେ ନିଜକୁ କିପରି ନିୟୋଜିତ କରାଯିବ, ରକ୍ତଦାନ ଏବଂ ସ୍ୱଚ୍ଛତାର ତାଲିମ ଦିଆଯାଇଥିଲା। ସଙ୍ଗୀତ, ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଉଦଘାଟନୀ ଉତ୍ସବରେ ତହସିଲଦାର ଧର୍ମରାଜ ମାଝି ଯୋଗ ଦେଇଥିବା ବେଳେ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି, ସମ୍ମାନିତ ଅତିଥି ବିଧାୟକ ସୁବାସ ଗଣ୍ଡ, ଝାଡେଶ୍ୱର ମହାନ୍ତି, ଅଖିଳ ଭଞ୍ଜ, ଡଃ ନରେଶ ଚନ୍ଦ୍ର ସାହୁ, ପର୍ଯ୍ୟବେକ୍ଷକ ସୁଧୀର ପଣ୍ଡା ଓ କଲେଜର ଅଧକ୍ଷା ନମିତା ମହାପାତ୍ର ଯୋଗ ଦେଇଥିଲେ। ଏଥିରେ ନବରଙ୍ଗପୁର ଜିଲାର ୨୧ଟି କଲେଜର ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

## ଦୁର୍ଘଟଣାରେ ୨ ଆହତ

ଡାବୁଗାଁ, ୧୩।୧ (ଡି.ଏନ.ଏ.):ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଝରିଗୁଡା ଛକ ନିକଟରେ ଆହାର କେନ୍ଦ୍ର ଗାଡି ଏକ ଗଛକୁ ଧକ୍କା ଦେବାରୁ ରବିବାର ୨ ଜଣ ଆହତ ହୋଇଛନ୍ତି। ନବରଙ୍ଗପୁର ଆହାର କେନ୍ଦ୍ରର ପିକ୍-ଅପ ଭ୍ୟାନ (ନଂ ଓଡି ୨୪ ବି ୧୮୭୪ )ଉମରକୋଟରୁ ନବରଙ୍ଗପୁର ଫେରୁଥିବା ବେଳେ ଡ୍ରାଇଭର ଭାରସାମ୍ୟ ହରାଇ ଝରିଗୁଡା ଛକ ନିକଟ ଜଙ୍ଗଲ ମଧରେ ଥିବା ଏକ ଗଛକୁ ଧକ୍କା ଦେଇଥିଲା। ଫଳରେ ଡ୍ରାଇଭର ଅନିଲ ସତନାମୀ (୩୦) ଓ ହେଲପର ଜାଗା ହାତୀ (୨୭) ଆହତ ହୋଇଛନ୍ତି। ତାଙ୍କୁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା।

■ କୃଷକ ସମାବେଶରେ ବିଜେଡି, ଭାଜପାକୁ ସମାଲୋଚନା କଲା କଂଗ୍ରେସ

# କ୍ଷମତାକୁ ଆସିଲେ କୃଷି ଋଣ ଛାଡ଼

ନବରଙ୍ଗପୁର/କୋଷାଗୁମୁଡା, ୧୩।୧(ବି.ପ୍ର./ଡି.ଏନ.ଏ.)


ସମାବେଶରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ କଂଗ୍ରେସର ନେତାମାନେ

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ସଦର ମହକୁମା ମିନି ଷ୍ଟାଡିୟମ ଠାରେ କଂଗ୍ରେସ ପକ୍ଷରୁ ବିଶାଳ କୃଷକ ସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଯୋଗ ଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ଓଡିଶାରେ ପ୍ରତି ବ୍ଲକରେ ୩୫ ପ୍ରତିଶତ ଜଳସେଚନ ଯୋଗାଇ ଦିଆଯିବ ବୋଲି କହି ତାହା ଭୁଲିଗଲେ। ରାଜ୍ୟରେ ଗୋଟିଏ ମଧ ବୃହତ୍ ଜଳସେଚନ ପ୍ରକଳ୍ପ କରି ପାରିଲେ ନାହିଁ। ଇନ୍ଦ୍ରାବତୀ ଜଳଭଣ୍ଡାରରୁ ତଳମୁଣ୍ଡବାସୀଙ୍କୁ କେନାଲ ମାଧମରେ ଜଳସେଚନ ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ୨୦୧୪ରେ ଶୁଭ ଦେଲେ ସେତିକିରେ ପ୍ରକଳ୍ପ କାର୍ଯ୍ୟ ରହିଗଲା। ରାଜ୍ୟରେ ୮୫ ଲକ୍ଷ ଯୁବକ ବେକାର ହୋଇ ରହିଛନ୍ତି। ଶିକ୍ଷିତ ଯୁବତୀ ଯୁବକ ପେଟପାଟଣା ପାଇଁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ରାଜ୍ୟରେ ୧ ଲକ୍ଷ ୩୧ ହଜାର ପଦବୀ ଖାଲି ପଡିଥିବା ବେଳେ ୩୫ ଲକ୍ଷ ଶିକ୍ଷିତ ଯୁବତୀ ଯୁବକ କର୍ମ ନିୟୋଜନ କାର୍ଯ୍ୟାଳୟରେ ପଞ୍ଜୀକରଣ କରିଛନ୍ତି। ତଥାପି ଚାକିରି ଖଣ୍ଡିଏ ମିଳୁନାହିଁ। ଅନ୍ୟପକ୍ଷେ ସରକାର ବିଜୁ ଯୁବ ବାହିନୀ ଗଠନ କରି ଖର୍ଚ୍ଚ କରି ଚାଲିଛନ୍ତି। ରାଜ୍ୟରେ ବଳାତ୍କାର ସଂଖ୍ୟା ବଢିଛି। କୋରାପୁଟ ଜିଲା କୁନ୍ଦୁଲି ଗଣ ବଳାତ୍କାର ମାମଲାରେ ଜଣେ ମଧ ଅଭିଯୁକ୍ତଙ୍କୁ ଗିରଫ କରାଗଲା ନାହିଁ। ରାଜ୍ୟରେ ଅନେକ ସ୍କୁଲ ବନ୍ଦ ରହୁଛି ବୋଲି ସମାଲୋଚନା କରିଥିଲେ। ରାଜ୍ୟ ଓ କେନ୍ଦ୍ରରେ କଂଗ୍ରେସ ସରକାର ଆସିଲେ କୃଷି ଋଣ ଛାଡ କରାଯିବ। ପ୍ରତ୍ୟେକ କୃଷକଙ୍କୁ ମାଗଣାରେ ସୋଲାର ପମ୍ପ ସହ ୫ ବର୍ଷ ପର୍ଯ୍ୟନ୍ତ ଆର୍ଥିକ ସହାୟତା ଯୋଗାଇ ଦିଆଯିବ ବୋଲି କହିଥିଲେ। ୩ଶହ ଟଙ୍କା ଭତ୍ତା ବୃଦ୍ଧି କରାଯାଇ ୧ ହଜାର ଟଙ୍କା କରାଯିବ। ଧାନର ସର୍ବନିମ୍ନ ମୂଲ୍ୟ ୨୫ ଶହ ଟଙ୍କା କରାଯିବ ବୋଲି ଘୋଷଣା କରିଛନ୍ତି। ଝିଅମାନଙ୍କୁ ପ୍ରାଥମିକ ବିଦ୍ୟାଳୟରୁ ଡାକ୍ତରୀ, ଇଞ୍ଜିନିୟରିଂ ପାଠ ପଢା ପର୍ଯ୍ୟନ୍ତ ସମସ୍ତ ଖର୍ଚ୍ଚ କଂଗ୍ରେସ ସରକାର ଆସିଲେ ବହନ କରିବେ ବୋଲି କହିଥିଲେ। ନବରଙ୍ଗପୁର ଜିଲାରେ ଧାନ, ଆଖୁ, ମକା ଫସଲ ପ୍ରଚୁର ପରିମାଣରେ ଚାଷ ହେଉଛି। ଚିନି ଓ ମକା କରାଖାନା ନାହିଁ। ସରକାର ଏମଓୟୁ ସ୍ୱାକ୍ଷର କରୁଛନ୍ତି ତେବେ କେତେ ଶିଳ୍ପ ପ୍ରତିଷ୍ଠା ହୋଇଛି ବୋଲି ପ୍ରଶ୍ନ କରିଥିଲେ। ଭାଜପା ସରକାର ଆସିବା ପରେ କଳା ଧନ ନିୟନ୍ତ୍ରଣ ବାହାନାରେ ବିମୁଦ୍ରୀକରଣ କରି ଶିଳ୍ପପତିଙ୍କୁ ସହଯୋଗ କରିଛନ୍ତି। ସାଧାରଣ ଲୋକଙ୍କ କ୍ଷତି ଘଟିଲା ବୋଲି କହିଥିଲେ।

**ପିସିସି ସଭାପତିଙ୍କ ପ୍ରତିଶ୍ରୁତି**
- ଧାନର ସର୍ବନିମ୍ନ ମୂଲ୍ୟ ୨୫ ଶହ ଟଙ୍କା କରାଯିବ
- ପ୍ରତି କୃଷକଙ୍କୁ ମାଗଣାରେ ସୋଲାର ପମ୍ପ ଯୋଗାଣ
- ଭତ୍ତା ବୃଦ୍ଧି କରାଯାଇ ୧୦୦୦ ଟଙ୍କା ଦିଆଯିବ

ରାଜ୍ୟ କାର୍ଯ୍ୟକାରୀ ସଭାପତି ତଥା ପୂର୍ବତନ ଏମପି ପ୍ରଦୀପ ମାଝି କହିଥିଲେ ଯେ ମଣ୍ଡିରେ ଧାନ ଦେବାପାଇଁ ଚାଷୀଙ୍କୁ ଥଣ୍ଡା କାକରରେ ୭ ଦିନ ଲେଖାଏ ଅପେକ୍ଷା କରିବାକୁ ପଡୁଛି। ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ହେଲେ କୃଷି ଋଣ ଛାଡ ହେବ ବୋଲି କହିଥିଲେ। ଏଆଇସିସି ସମ୍ପାଦକ ଅନିଲ ଚୌଧୁରୀ କହିଥିଲେ ଯେ ଚାଷୀଙ୍କୁ କଷ୍ଟ ହେଲେ କଂଗ୍ରେସକୁ ବାଧୁଛି। ପ୍ରଧାନମନ୍ତ୍ରୀ ଚାଷୀଙ୍କ କଷ୍ଟ ପ୍ରତି ଦୃଷ୍ଟି ଦେଇ ନାହାନ୍ତି। ଉଦ୍ୟୋଗପତି ପାଇଁ ଭାଜପା କାମ କରୁଛି। କଂଗ୍ରେସ ସବୁବେଳେ ସମସ୍ତଙ୍କ ନ୍ୟାଯ୍ୟ ଦାବିରେ ଠିଆ ହୋଇଛି। ପୂର୍ବତନ ବିଧାୟକ ସଦନ ନାୟକ କହିଥିଲେ କଂଗ୍ରେସ ସମୟରେ କାର୍ଡ ପିଛା ୨୫ କିଲୋରୁ ୩୫ କିଲୋ ପର୍ଯ୍ୟନ୍ତ ଚାଉଳ ଯୋଗାଇ ଦିଆଯାଉଥିଲା। ଭାଜପା ସରକାର ଆସିବା ପରେ ପ୍ରତି ମୁଣ୍ଡ ପିଛା ୫ କିଲୋ ଚାଉଳ କରିଛନ୍ତି। ଏଭଳି ଚାଉଳ କାଟୁ ସରକାରଙ୍କ ପ୍ରତି ଭରସା କରନ୍ତୁ ନାହିଁ ବୋଲି କହିଥିଲେ। ଜିଲା ସଭାପତି ମୁନା ତ୍ରିପାଠୀ ସଭାପତିତ୍ୱ କରି କହିଥିଲେ ଯେ, ଗରିବଙ୍କ ପାଇଁ ଯେଉଁ ସବୁ ସୁବିଧା ରହିଛି ତାହା କଂଗ୍ରେସ ସମୟର। ରାଜ୍ୟ ସରକାର ଚିଟ୍‌ଫଣ୍ଡ ଟଙ୍କା ଖାଇଗଲେ। ବ୍ରହ୍ମ ପରିବର୍ତ୍ତନ ଓ ଜଗନ୍ନାଥଙ୍କ ଜମି ହଡପ କରିଥିବା ସରକାର ଏକେ କାଳିଆ ଯୋଜନା କରି ପାପ ନାଶନ କରୁଛନ୍ତି। ଏହି କାର୍ଯ୍ୟକ୍ରମରେ ମାଲକାନଗିରି ପୂର୍ବତନ ବିଧାୟକ ନିମାଇଁ ସରକାର, ଡାବୁଗାଁ ବିଧାୟକ ଭୁଜବଳ ମାଝି, ଜିଲା ସମ୍ପାଦକ ବୁଲୁ ପାଢୀ, ଯତିନ ଗଣ୍ଡ, ଜିଲା ଉପସଭାପତି ଦିଲ୍ଲିପ ବେହେରା, ସମ୍ପାଦକ ପ୍ରଦୀପ ସାହୁ, ଏଆଇସିସି ସଭ୍ୟା ମନୋଷା ତ୍ରିପାଠୀ, ଧରମ ସିଂ, ମେଘନାଦ ବିଷୋୟୀ, ପଦ୍ମନାଭ ପାଣ୍ଡେ, ପଶ୍ଚିମାଞ୍ଚଳ ସଂଖ୍ୟାଲଘୁ ସେଲ ଅଧକ୍ଷ ଅବଦୁଲ ଫିରୋଜ, କୋଟପାଡ ବିଧାୟକ ଚନ୍ଦ୍ର ଶେଖର ମାଝୀ, ଉମେଶ ଚନ୍ଦ୍ର ବ୍ରହ୍ମା, ଶଙ୍କର ରାଓ, ବୁଟୁନା ମହାପାତ୍ର, ମଣି ପଟ୍ଟନାୟକ, ପିସିସି ସମ୍ପାଦକ ସରୋଜ ପାତ୍ର, ଖେମରାଜ ବାଘ, ପଦ୍ମାକର ଗୁରୁ, ଜୋନ ସଭାପତ ସଞ୍ଜୀବ ବିଷୋୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାମ ପ୍ରସାଦ ପାଢୀ, ନବରଙ୍ଗପୁର ନଗର କଂଗ୍ରେସ ସଭାପତି ଉତ୍ତମ ତ୍ରିପାଠୀ, ଭୀମ ହରିଜନ, କାଳୀ ପାତ୍ର, ତାଜଇମ୍ରାନ ସରିଫ, ଉମେଶ ଚନ୍ଦ୍ର ମିଶ୍ର, ବାପୁନ ତ୍ରିପାଠୀଙ୍କ ସମେତ ଦଳୀୟ କର୍ମକର୍ତ୍ତା ଯୋଗଦେଇଥିଲେ।

# 'କାକର' ଉଦ୍‌ଯାପିତ

ନବରଙ୍ଗପୁର,୧୩।୧(ଡି.ଏନ.ଏ)

ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆୟୋଜିତ ଉପାନ୍ତ ସାହିତ୍ୟ ସମ୍ମିଳନୀ କାକର ୨୦୧୮ ଉଦଯାପିତ ହୋଇ ଯାଇଛି। ସ୍ଥାନୀୟ ଚରକ ବନ ଠାରେ ଆୟୋଜିତ ଉଦଯାପନୀ ଦିବସରେ ଜିଲାପାଳ ଡଃ. ଅଜିତ କୁମାର ମିଶ୍ର ଯୋଗ ଦେଇ ସାହିତ୍ୟ , ସଂସ୍କୃତି ଓ ଭାଷା କ୍ଷେତ୍ରରେ କାକର ଯେଉଁ ଭଳି କାର୍ଯ୍ୟକ୍ରମ ଗୁଡିକ କରି ଆଗକୁ ନେଉଛି ସେଥିଲେ ଖୁସ ପ୍ରକଟ କରି ସହଯୋଗ କାମନା କରିଥିଲେ। ସାହିତ୍ୟିକ, କବି ମାନଙ୍କୁ ଏକାଠି କରିବା ସହ ଆମ ଜିଲା ଆମ ପର୍ଯ୍ୟଟନ ବିକାଶ କଥା ବସ୍ତୁ ପରିପ୍ରକାଶ କରିବା ଓ ଛାତ୍ରୀଛାତ୍ର ମାନଙ୍କ ମଧରେ ବିଭିନ୍ନ ଶୈକ୍ଷିକ ପ୍ରତିଯୋଗୀତା କରି ଅଗ୍ରଣୀ ଭାବେ କାର୍ଯ୍ୟକ୍ରମ କରି ଆସୁଛି ବୋଲି କହିଥିଲେ। ଅଶୋକ ମୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ବୁଲୁ ହୋତା, ସମ୍ମାନିତ ଅତିଥି ଭାବେ ସୋମନାଥ ବିଷୋୟୀ, ଡଃ. ରାଜେନ୍ଦ୍ର ବେହେରା ପ୍ରମୂଖ ଯୋଗ ଦେଇତିଲେ।

ଉଦଯାପନୀ ଉତ୍ସବରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ନବରଙ୍ଗପୁର, ମାଲାକାନଗିରି, ରାୟଗଡା, କୋରାପୁଟ, କଳାହାଣ୍ଡି, କନ୍ଧମାଳ, ଗଜପତି, ଗଂଜାମ, କଟକ ଓ ଛତିଶଗଡ ରାୟପୁରୁ ଶତାଧିକ କବୟତ୍ରୀ ଓ କବିମାନେ ଯୋଗ ନେଇ ନିଜସ୍ୱ ଲିଖିତ କବିତା ଗୁଡିକ ପାଠ କରିଥିଲେ। ଏହି ଅବସରରେ ଆସିଥିବା କବିମାନେ ମାନ୍ଦାଡଙ୍ଗର ଶୈବ ପୀଠ, ଧାନଡଙ୍ଗରୀ ଶକ୍ତି ପୀଠ, ଶହୀଦ ମିନାର ବୁଲି ଦେଖିଥିଲେ। କାକର କମିଟିର ସମ୍ପାଦକ ତଥା ଭାଗିରଥି ପାତ୍ର ସ୍ମୃତି ସଂସଦ ସମ୍ପାଦକ ରାମପ୍ରସାଦ ପାତ୍ର, ନାରାୟଣ ଗୁରୁ , ମନୋଜ କୁମାର ପଟ୍ଟନାୟକ, କ୍ଷେତ୍ରୀୟ ସଂଯୋଜକ ଦୁର୍ଗା ପ୍ରସାଦ ପାଢୀ, ଅଧାପକ ଦିଲ୍ଲିପ ହୋତା, ଚିନ୍ତାମଣି ବେହେରା, ଡାକ୍ତର ମନୋଜ କିଶୋର ପଟ୍ଟନାକ, ରତିକାନ୍ତ ଦୁବେ, ପି. ରବିକାନ୍ତ ରଘୁରାମ, ସାନା ସାହୁ, ସୁଧିରାଜ ରାଉତରାୟ, ଆଶିଷ ରଞ୍ଜନ ଖମାରୀ ପ୍ରମୂଖ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ଜିଲାପାଳ ଓ ଅନ୍ୟ ଅତିଥିମାନେ।

## ୨୧ ଛାତ୍ର ଦେଲେ ଏନସିସି ପରୀକ୍ଷା

ଡାବୁଗାଁ, ୧୩।୧ (ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ନିକଟସ୍ଥ ମାନିଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଏନସିସି ପରୀକ୍ଷା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲିଖିତ ଓ ପ୍ରାକ୍ଟିକାଲ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ୨୧ ଜଣ ଛାତ୍ର ପରୀକ୍ଷା ଦେଥିଲେ। ଏନସିସି ୩ୟ (ଓଡିଶା) ବାଟାଲିୟନର ହାବିଲଦାର ସୁନୀଲ ଟପ୍ପୋ ପରୀକ୍ଷା ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷକ ସାନ କିଶୋର ନାୟକ ଓ ଶିକ୍ଷକ ନଟବର ସାହୁ ଉପସ୍ଥିତ ଥିଲେ

## ପଞ୍ଚାୟତିରାଜ ମନ୍ତ୍ରୀଙ୍କୁ ସରପଞ୍ଚ ସଂଘର ଦାବିପତ୍ର

ଉମରକୋଟ,୧୩।୧(ଡି.ଏନ୍.ଏ.)

ଜିଲା ସରପଞ୍ଚ ସଂଘ ପକ୍ଷରୁ ୭ ଦଫା ସମ୍ବଳିତ ଏକ ଦାବିପତ୍ର ପଞ୍ଚାୟତିରାଜ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝିଙ୍କୁ ପ୍ରଦାନ କରାଯାଇଛି। ଜିଲା ସରପଞ୍ଚ ସଂଘ ସଭାପତି ଓ ଉପସଭାପତି ସନରାଜ ଗଣ୍ଡଙ୍କ ନେତୃତ୍ୱରେ ଏହି ଦାବିପତ୍ର ପ୍ରଦାନ କରିଥିଲେ। ଦରମା ବୃଦ୍ଧି, ଭତ୍ତା, ଗସ୍ତଖର୍ଚ୍ଚ ଆଦି ଦାବି ପତ୍ରରେ ଉଲ୍ଲେଖ ରହିଛି। ସରପଞ୍ଚ କାର୍ଯ୍ୟକାଳ ମଧ୍ୟରେ ମୃତ୍ୟୁ ହେଲେ ପରିବାରକୁ ଦଶଲକ୍ଷ ସହାୟତା, ନଳକୂପ ଖନନ ଓ ମରାମତି ଦାୟିତ୍ୱ ଗ୍ରାମପଞ୍ଚାୟତକୁ ଦିଆଯାଉ ବୋଲି ସରପଞ୍ଚମାନେ କହିଥିଲେ। ସନରାଜ ଗଣ୍ଡ, ମନରାଜ ଗଣ୍ଡ, ମଧୁ ଭତ୍ରା, ଫୁଲସିଂ ଗଣ୍ଡ, ହର ପୂଜାରୀ, ଗିନା ମାଝି, ରକ୍ଷୀରାମ ବଞ୍ଜରା, ରାଜମନ ଗଣ୍ଡ, ଅଗନ୍ତି ପୂଜାରୀ ଉପସ୍ଥିତ ଥିଲେ।

## ବଢୁଛି ଜିଲାରେ ଡକାୟତି ମହିଳା ଏଲଆଇଙ୍କ ଠାରୁ ସୁନା ଚେନ୍ ଲୁଟ୍

ନବରଙ୍ଗପୁର,୧୩।୧(ବି.ପ୍ର)

ନବରଙ୍ଗପୁର ସହର ଓ ଆଖ ପାଖ ଅଞ୍ଚଳରେ ଚୋରୀ ଡକାୟତି, ଲୁଟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଶନିବାର ମହିଳା ଲାଇଫ ଷ୍ଟକ ଇନ୍ସପେକ୍ଟର (ଏଲଆଇ) ରଂଜିତା ବିଷୋୟୀ ଡିୟୁଟି ସାରି ସ୍କୁଟିରେ ଘରକୁ ଫେରୁଥିଲେ। ରାସ୍ତାରେ ତାଙ୍କୁ ଅଟକାଇ ୩ ଜଣ ଦୁର୍ବୃତ୍ତ ସୁନା ଚେନ ଲୁଟି ନେଇଛନ୍ତି। ରଞ୍ଜିତା କାଳିଆ ଯୋଜନାରେ ଚାଷୀଙ୍କ ପଞ୍ଜିକରଣ ପାଇଁ ନନ୍ଦାହାଣ୍ଡି ବ୍ଲକର ନିସନାହାଣ୍ଡି ଯାଇ ଡିୟୁଟି ସାରି ଫେରୁଥିଲେ। ସନ୍ଧ୍ୟାରେ ନିର୍ମାଣାଧିନ ନୂଆ କୋର୍ଟ ନିକଟରେ ୩ ଜଣ ଦୁର୍ବୃତ୍ତ ମାରଣାସ୍ତ୍ର ଦେଖାଇ ସୁନା ଚେନ ଲୁଟି ନେଇଥିଲେ। ଏନେଇ ନବରଙ୍ଗପୁର ଥାନାରେ ଏକ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ ଯେ ତେନ୍ତୁଳିଖୁଣ୍ଟି ବ୍ଲକର ଇନ୍ଦ୍ରାବତୀର ଡାକ୍ତର ପ୍ରଦୀପ୍ତ କୁମାର ପ୍ରହରାଜଙ୍କ ଘରେ ୧୧ ତାରିଖରେ ରାତି ରୋଗୀ କହି ମାରଣାସ୍ତ୍ର ଦେଖାଇ ୪୦ ହଜାର ଟଙ୍କା ଓ ସୁନା ଅଳଙ୍କାର ଦୁର୍ବୃତ୍ତ ଲୁଟି ନେଇଥିଲେ। ସେହିପରି ୨୨ ତାରିଖରେ ପୂର୍ବତନ ବିଧାୟକ ତଥା ପିସିସି ଉପସଭାପତି ସଦନ ନାୟକ ତାଙ୍କ ହିର୍ଲି ନିକଟ ପେଟ୍ରୋଲ ପମ୍ପରୁ ୨ ଲକ୍ଷ ୫୫ ହଜାରଟଙ୍କା ଏକ ବ୍ୟାଗରେ ଧରି କାରରେ ଫେରୁଥିବା ବେଳେ ଲୁଟର ଶିକାର ହୋଇଥିଲେ। ଏହି ଭଳି ଅନେକ ଘଟଣା ଘଟି ଆସୁଥିଲେ ମଧ ପୋଲିସ ଲୁଟେରାଙ୍କୁ ଧରିବାରେ ସକ୍ଷମ ହେଉ ନାହିଁ।











Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ସଫେଇ କର୍ମଚାରୀଙ୍କୁ ବିଭିନ୍ନ ସାମଗ୍ରୀ ପ୍ରଦାନ

**ରାୟଗଡା ଅଫିସ୍, ୧୩।୧:** ରାୟଗଡା ପୌର ପରିଷଦର ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ନିମନ୍ତେ କାମ କରୁଥିବା ସଫେଇ କର୍ମଚାରୀ, ଗାଡି ଚାଳକମାନଙ୍କୁ ରବିବାର ବିଭିନ୍ନ ସାମଗ୍ରୀ ପ୍ରଦାନ କରାଯାଇଛି । ଜିଲାପାଳ ଗୁହା ପୁନମ ତାପସ କୁମାର ପୋଷାକ, ହେଲ୍‌ମେଟ, ଗ୍ଲୋବସ, ନାମକିନ୍ ସହ କାର୍ଯ୍ୟକ୍ଷେତ୍ରରେ ବ୍ୟବହାର ହେଉଥିବା ବିଭିନ୍ନ ସାମଗ୍ରୀ ପ୍ରଦାନ କରିଛନ୍ତି । ପୌର ପରିଷଦରେ କାର୍ଯ୍ୟରତ ୧୫୧ଜଣ ସଫେଇ କର୍ମଚାରୀ ଓ ଡ୍ରାଇଭରମାନଙ୍କୁ ଏହି ସାମଗ୍ରୀ ପ୍ରଦାନ କରାଯାଇଛି । ଏହି ଅବସରରେ ପୌର ପରିଷଦର କାର୍ଯ୍ୟନିର୍ବାହୀଯନ୍ତ୍ରୀ ମଙ୍ଗେଲାଲ୍ ଜୈନ ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ ।

### ରାଷ୍ଟ୍ରୀୟ ଯୁବ ଦିବସ ପାଳିତ

**ରାୟଗଡା ଅଫିସ୍, ୧୩।୧:** ରାୟଗଡା ଜିଲାପାଳଙ୍କ କାର୍ଯ୍ୟାଳୟରେ ଥିବା ବୈଠକ ଗୃହରେ ନେହେରୁ ଯୁବ କେନ୍ଦ୍ର ଆନୁକୂଲ୍ୟରେ ରାଷ୍ଟ୍ରୀୟ ଯୁବ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ରାୟଗଡା ବିଧାୟକ ଲାଲ୍‌ବିହାରୀ ହିମିରିକା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନିଜ ସଂଘର୍ଷମୟ ଜୀବନ ବିଷୟରେ କହି ଉପସ୍ଥିତ ଯୁବତୀଯୁବକଙ୍କୁ ଉତ୍ସାହିତ କରିଥିଲେ । ଜୀବନରେ ସମାଜ ପାଇଁ କିଛି କରିବାକୁ ଆହ୍ୱାନ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ରାୟଗଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ଇଂରାଜୀ ଅଧାପକ ଉଦୟ ନାଏକ ମୁଖ୍ୟବକ୍ତା, ମହିଳା ମହାବିଦ୍ୟାଳୟ ଅଧାପିକା ଶୁଭଶ୍ରୀ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏକ ସୁସ୍ଥ ସମାଜ ଗଠନରେ ଯୁବ ସମାଜର ଭୂମିକା ନେଇ ଆଲୋକପାତ କରିଥିଲେ । ନେହେରୁ ଯୁବ କେନ୍ଦ୍ର ପ୍ରୋଗ୍ରାମ କୋଅର୍ଡିନେଟର ଶିବ କୁମାରଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ରାୟଗଡା ଜିଲାର ବିଭିନ୍ନ ଗ୍ରାମାଞ୍ଚଳର ଯୁବତୀଯୁବକ ଓ କଲେଜ ଛାତ୍ରୀଛାତ୍ର ବହୁ ସଂଖ୍ୟାରେ ଯୋଗ ଦେଇଥିଲେ ।

### ଟେନିସ ବଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ଗୁଣପୁର, ୧୩।୧ (ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁର ସହର ବଂଶଧାରା ବସନ୍ତ ମହୋତ୍ସବ ଉପଲକ୍ଷେ ହଳଦିଆନାଳ ପଡିଆଠାରେ ଟେନିସ ବଲ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି । ଆଇଟିଡିଏ ପିଏ ଗୋରାଚାନ୍ଦ ଗମାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନବ ନିର୍ମାଣ ସମିତି ସଭାପତି ଅକ୍ଷୟ ଦାସ, ଓକିଲ ସଂଘ ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକ ଏବଂ ବରିଷ୍ଠ ଆଇନଜୀବୀ ଉମାଚରଣ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଆସନ୍ତା ୨୭ ତାରିଖରେ ଏହାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ । ଏଥିରେ ୨୪ଟି ଦଳ ଭାଗ ନେଇଛନ୍ତି ।

### ସାଇକେଲ ଚାଳନା ପ୍ରତିଯୋଗିତା

**ଗୁଣପୁର, ୧୩।୧ (ଡି.ଏନ.ଏ):** ବଂଶଧାରା ବସନ୍ତ ମହୋତ୍ସବ ଲାଗି ଦ୍ରୁତ ସାଇକେଲ ଚାଳନା ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ପୁରୁଣା ବସଷ୍ଟାଣ୍ଡ ଠାରୁ ଏହା ଆରମ୍ଭ ହୋଇ ଜଲତାର ପଞ୍ଚାୟତର ନୂଆଗାଁ ପର୍ଯ୍ୟନ୍ତ ଚାଲୁ ରହିଥିଲା। ବରିଷ୍ଠ ଆଇନଜୀବୀ ଏସ.ଭି.ପ୍ରସାଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅଲେଖ ଗୌଡ ପ୍ରଥମ ହୋଇଥିବାବେଳେ ନୀଳାମ୍ବର ଶବର ଏବଂ ଶ୍ରୀନିବାସ ଗମାଙ୍ଗ ଯଥାକ୍ରମେ ୨ୟ ଓ ୩ୟ ହୋଇଥିଲେ । ନବ ନିର୍ମାଣ ସମିତି ଅଧ୍ୟକ୍ଷ ଅକ୍ଷୟ ଦାସ ଏବଂ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ ।

### ମାତୃପିତୃ କ୍ରୀଡ଼ା ଉତ୍ସବ

**ଗୁଡ଼ାରୀ, ୧୩।୧ (ଡି.ଏନ୍.ଏ.):** ଗୁଡାରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃ ଓ ପିତୃ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମାତୃ କ୍ରୀଡାରେ ୬୦ ଜଣ ମାତୃ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରେ ମ୍ୟୁଜିକାଲ ଚେୟାର, ଝୋଟି, ପାଣିବଲ୍ ଇତ୍ୟାଦି ପ୍ରତିଯୋଗିତା ହୋଇଥିଲା । ସେହିପରି ପିତୃ କ୍ରୀଡା ଉତ୍ସବରେ ୩୮ ଜଣ ପିତୃ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରେ ଦ୍ରୁତ ଚାଲି, ବେଲୁନ୍ ଫୁଙ୍କା, ଶବ୍ଦ ଗଢ଼ିବା, ଲକ୍ଷ୍ୟଭେଦ ଆଦି ପ୍ରତିଯୋଗିତା ହୋଇଥିଲା । ପିତୃ କ୍ରୀଡାକୁ ଶିଶୁ ମନ୍ଦିରର ସମ୍ପାଦକ ବିଷ୍ଣୁ ପ୍ରସାଦ ଦେଓ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଅନୁଷ୍ଠାନର ବାର୍ଷିକ ଉତ୍ସବରେ କୃତୀ ମାତାପିତାଙ୍କୁ ପୁରସ୍କୃତ କରାଯିବ ।



କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।



ମଞ୍ଚାସୀନ ଅତିଥି ।

■ ସରିଲା ଉପଖଣ୍ଡସ୍ତରୀୟ ଚଇତି

# ଗୁଣପୁର ମହୋତ୍ସବ ଦେଇଛି ପରିଚୟ

**ଗୁଣପୁର, ୧୩।୧ (ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ନୂତନ ବସଷ୍ଟାଣ୍ଡସ୍ଥିତ ସାଂସ୍କୃତିକ ମଣ୍ଡପରେ ଗତ ୩ ଦିନ ଧରି ଚାଲିଥିବା ଚଇତି ମହୋତ୍ସବ ଇଡିତାଲ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି । ଉତ୍ସବ ପାଳନ କମିଟି ଅଧ୍ୟକ୍ଷ ତଥା ଗୁଣପୁର ଉପଜିଲାପାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ କୋରାପୁଟ ଏମ୍‌ପି ଝିନ ହିକ୍‌କା ମୁଖ୍ୟ ଅତିଥି ଭାବେଯୋଗ ଦେଇ ଗୁଣପୁର ମହୋତ୍ସବ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ପାଶ୍ଚାତ୍ୟ ସଂସ୍କୃତିରେ ପାଦ ଦେବା ପରେ ନିଜର ସଂସ୍କୃତି,ପରମ୍ପରାକୁ ଭୁଲିଯାଇଛନ୍ତି । ହେଲେ ଏହିପରି ଉତ୍ସବ ଦ୍ୱାରା ଲୁକ୍କାୟିତ କଳା ଓ ସଂସ୍କୃତିକୁ ଲୋକ ଲୋଚନକୁ ଆଣିବାରେ ସହାୟକ ବୋଲି କହିଥିଲେ । ଜିଲା ସ୍ୱତନ୍ତ୍ର ଜନଜାତି ବିକାଶ ପରିଷଦ ଅଧ୍ୟକ୍ଷ ଜଗନ୍ନାଥ ନୁଣ୍ଡୁକା, ଗୁଣପୁର ବିଧାୟକ ତ୍ରିନାଥ ଗମାଙ୍ଗ, ବିଷମକଟକ ବିଧାୟକ ଜଗନ୍ନାଥ ସାରକା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ରିତ ଋତୁରାଜ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଗୁଣପୁର ପୌରାଞ୍ଚଳକୁ ବାହ୍ୟ ମଳମୂତ୍ର ମୁକ୍ତ ସହର ଭାବେ ଅତିଥିମାନେ ଘୋଷଣା କରିଥିଲେ । ଏଥିସହ ବିଭିନ୍ନ ୱାର୍ଡ ସକାଶେ ଅଳିଆ କୁଣ୍ଡ ମଧ୍ୟ ଲୋକାର୍ପିତ କରାଯାଇଥିଲା । ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରଶ୍ମିରାଣୀ ନିମାକା ସଭା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଓଡିଆ ସିନେମାର ନାୟିକା ଶୀତଲ ପାତ୍ର ଏବଂ ରମାକାନ୍ତ ମିଶ୍ର ମୁଖ୍ୟ ଆକର୍ଷଣ ଥିଲେ । ଶୀତଲଙ୍କ ଅଭିନୟ ଏବଂ ରମାକାନ୍ତଙ୍କ ଗୀତକୁ ଦର୍ଶକମାନେ ଖୁବ ମନଭରି ଉପଭୋଗ କରିଥିଲେ । ବିଭିନ୍ନ ଅନୁଷ୍ଠାନର କଳାକାର ଏବଂ ସ୍କୁଲ ଓ କଲେଜର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମକୁ ପ୍ରିୟା ପାତ୍ର ସଂଯୋଜନା କରିଥିବାବେଳେ ସହକାରୀ ଜିଲା ମଙ୍ଗଳ ଅଧିକାରୀ ବିଦ୍ୟାଭୂଷଣ ମହାନ୍ତି ସହଯୋଗ କରିଥିଲେ । ଅବସରପ୍ରାପ୍ତ ଶିକ୍ଷକ ପ୍ରତାପ ରାୟ ଧନ୍ୟବାଦ ଦେଇଥିଲେ । ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱଚ୍ଛଭାରତ ବାହ୍ୟମଳମୂତ୍ର ପରିବେଶ ସୁରକ୍ଷା ଏବଂ ଆବର୍ଜନା ପରିଚାଳନା ଭିତ୍ତିକ ସଚେତନତା ନାଟକ ପରିବେଷଣ କରାଯାଇଥିଲା ।



ଉତ୍ସବରେ ଯୋଗ ଦେଇଥିବା ଅଭିନେତ୍ରୀ ଶୀତଲ ପାତ୍ର ।

## ଚଇତି ଲାଗି ବିଭିନ୍ନ ପ୍ରତିଯୋଗିତା

**ଗୁଣପୁର, ୧୩।୧ (ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ଉପଖଣ୍ଡସ୍ତରୀୟ ଚଇତି ଉତ୍ସବ ଇଡିତାଲ ଲାଗି ରବିବାର ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ସକାଳ ୮ଟାରେ ବରିଷ୍ଠ ନାଗରିକମାନଙ୍କୁ ନେଇ ପଦଚଲା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହା ଗୁଣପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ବାହାରି ଚଇତି ମଣ୍ଡପ ଠାରେ ପହଞ୍ଚିଥିଲା । ଏଥିରେ ରାମ ରାଘବ ପଟ୍ଟନାୟକ ପ୍ରଥମ ହୋଇଥିବାବେଳେ ପୂର୍ଣ୍ଣଚନ୍ଦ୍ର ଶତପଥୀ ୨ୟ , ବି.ଏସ.ଦୁର୍ଗୋୟା ୩ୟ, ଦେବୀ କିଙ୍କର ମିଶ୍ର ୪ର୍ଥ ଏବଂ ହାଡିବନ୍ଧୁ ଶବର ୫ମ ହୋଇଥିଲେ । ସେଠାରେ ବରିଷ୍ଠ ନାଗରିକଙ୍କୁ ନେଇ ଏକ ସଭା ହୋଇଥିଲା । ଏଥିରେ ତହସିଲଦାର ନମ୍ରତା ମୋଦି, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରଶ୍ମିରାଣୀ ନିମାକାଙ୍କ ସମେତ ବରିଷ୍ଠ ନାଗରିକ ସଂଘ ସଭାପତି ସୂର୍ଯ୍ୟନାରାୟଣ ରଥ, ତ୍ରିନାଥ ମହାପାତ୍ର, ବି.ଲକ୍ଷ୍ମୀ ନାରାୟଣ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ମିନି ଷ୍ଟାଡିୟମଠାରେ ପ୍ରଶାସନ ଏବଂ ଖବରଦାତାଙ୍କ ମଧ୍ୟରେ ଟେନିସବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରଶାସନ ଦଳ ବିଜୟ ଲାଭ କରିଥିଲେ । ଚଇତି ମଣ୍ଡପରେ କବି ସମ୍ମିଳନୀ ଆୟୋଜିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ତହସିଲଦାର ଏବଂ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଉପସ୍ଥିତ ଥିଲେ । କବି କୈଳାସ ପାତ୍ର, ପ୍ରତାପ ରାୟ ପ୍ରମୁଖ ଯୋଗ ଦେଇଥିଲେ । ରମେଶ ମିଶ୍ର ସଂଯୋଜନା କରିଥିଲେ । ସେହିପରି ଚଇତି ସାଂସ୍କୃତିକ ମଣ୍ଡପରେ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା । ଏଥିରେ ଦେବବ୍ରତ ପାଢୀ ପ୍ରଥମ ହୋଇଥିବାବେଳେ ଅଶୋକ ମୁଚ୍ଛିକା ୨ୟ ଏବଂ ଦୟାନିଧି ଦୋରା ଓ ମହେନ୍ଦ୍ର ଗମାଙ୍ଗ ୩ୟ ହୋଇଥିଲେ ।



ଚଇତି ମଣ୍ଡପରେ ବରିଷ୍ଠ ନାଗରିକ ସଭାରେ ମଞ୍ଚାସୀନ ଅତିଥି ।

## ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ

**ଅମ୍ବାଦୋଳା, ୧୩।୧ (ଡି.ଏନ୍.ଏ.)**

ସ୍ଥାନୀୟ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଧାୟକ ଜଗନାଥ ସାରକା ମୁଖ୍ୟଅତିଥି, ରାଜ୍ୟ ଯୋଜନା ପରିଷଦ ସଦସ୍ୟ ସୁଧୀର କୁମାର ଦାସ, ଜିଲା ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦ ଅଧ୍ୟକ୍ଷ ଜଗନ୍ନାଥ ନୁଣ୍ଡୁକା, ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, କୋରାପୁଟ ବିଭାଗ ପ୍ରମୁଖ ଶିକ୍ଷା ବିକାଶ ସମିତିର ଆନନ୍ଦ ଚୌଧୁରୀ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଜିଲା ପ୍ରଚାରକ ଅଜିତ କୁମାର ବେହେରା, ବିରାଟ ବେହେରା, ବିଜୟ କୁମାର ମିଶ୍ର ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ପରିଚାଳନା କମିଟିର ପୂର୍ବତନ ସମ୍ପାଦକ ଚିରଞ୍ଜୀବୀ, ତପନ କୁମାର ସାହୁ ଓ ଆଚାର୍ଯ୍ୟା ଭି. କୁମାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପୂର୍ବତନ ସମ୍ପାଦକ ଅକ୍ଷୟ କୁମାର ରଥ ମଞ୍ଚ ପରିଚାଳନା କରିଥିଲେ। ମଧୁ ପ୍ରଧାନ, ରଘୁନାଥ ବେହେରା, ବିନୟ କୁମାର ପଣ୍ଡା, ବିଶ୍ୱରଞ୍ଜନ ଦାସ ପ୍ରମୁଖ ପରିଚାଳନା କରିଥିଲେ । ଏହି ଅବସରରେ ପଠାଣି ସାମନ୍ତ ବୃତ୍ତି ପରୀକ୍ଷାରେ ପ୍ରଥମ ହୋଇଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।



## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

**ରାୟଗଡା ଅଫିସ୍, ୧୩।୧**

ରାୟଗଡା ରାମକୃଷ୍ଣ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଊନବିଂଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବାର୍ଷିକ ଉତ୍ସବରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଆନାସ୍ତେସିଆ କେର୍କେଟା ମୁଖ୍ୟଅତିଥି, ପୌର ପରିଷଦ ଉପାଧ୍ୟକ୍ଷ ଡା. ନିରଞ୍ଜନ ବକ୍ସିପାତ୍ର ସମ୍ମାନିତ ଅତିଥି, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଚିତ୍ତରଞ୍ଜନ ପ୍ରଧାନ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ । ବିଦ୍ୟାମନ୍ଦିର ପରିଚାଳନା କମିଟି ସଭାପତି ଦେବୀପ୍ରସାଦ ମିଶ୍ର ସଭାପତିତ୍ୱ କରିଥିଲେ। ବିଦ୍ୟା ମନ୍ଦିରର ପ୍ରଧାନଆଚାର୍ଯ୍ୟ ଧନଞ୍ଜୟ ପଣ୍ଡା ସ୍ୱାଗତ ତଥା ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଦ୍ୟାମନ୍ଦିର ପରିଚାଳନା କମିଟି ସମ୍ପାଦକ ମୁରଲୀଧର ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ । ସରୋଜ କୁମାର ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବିଦ୍ୟା ମନ୍ଦିର ପରିଚାଳନା କମିଟି ଉପସଭାପତି ଅଞ୍ଜଳୀ ପଣ୍ଡା ଧନ୍ୟବାଦ ଦେଇଥିଲେ । ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।



ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ।

## ସୀମାନ୍ତରେ ଅଟକିଲେ ହାତୀପଲ

**ରାୟଗଡା ଅଫିସ୍, ୧୩।୧**

୮ ଦିନ ହେବ ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶରୁ ରାୟଗଡା ଜିଲାକୁ ଚାଲି ଆସିଥିବା ହାତୀପଲ ରବିବାର ସୀମାନ୍ତରେ ଅଟକିଛନ୍ତି । ଶନିବାର ରାତିରେ ହାତୀପଲ ଫେରିବା ବେଳେ ଆନ୍ଧ୍ରପ୍ରଦେଶ ବନ ବିଭାଗ ଓ ଗ୍ରାମବାସୀ ସେମାନଙ୍କ ରାସ୍ତା ଅବରୋଧ କରିଥିଲେ। ଯଦ୍ୱାରା ସେମାନେ ପୁଣି ବାଟବଣା ହୋଇ ରାୟଗଡା ବ୍ଲକ୍ ଏମ୍ପଲୱାଲସା ଓ ଆନ୍ଧ୍ରପ୍ରଦେଶର ନାଇଡୁୱାଲସା ଗ୍ରାମ ମଧ୍ୟରେ ଥିବା ଏକ ଜଙ୍ଗଲରେ ରହିଯାଇଛନ୍ତି । କିଛି ସମୟ ପାଇଁ ଏଣେତେଣେ ବୁଲିବା ପରେ ଜଙ୍ଗଲରେ ଥିବା ଏକ ବୁଦାକୁ ଚାଲିଯାଇଥିଲେ । ହାତୀ ଭୟରେ ଗ୍ରାମବାସୀ ଘର ଦ୍ୱାର ଛାଡି ନିକଟସ୍ଥ ଜଙ୍ଗଲରେ ଆଶ୍ରୟ ନେଇଛନ୍ତି। ହାତୀପଲ କିଭଳି ନିଜ ଗାଁକୁ ପ୍ରବେଶ ନ କରିବେ ସେଥିପାଇଁ ଗାଁ ମୁଣ୍ଡରେ ଥିବା ଜମିରେ ଗ୍ରାମବାସୀ ନିଆଁ ଲଗାଇଛନ୍ତି। ସେହିଭଳି ଓଡ଼ିଶାର ୬ଖଣ୍ଡ ଗ୍ରାମରେ ହାତୀଙ୍କ ସୁରକ୍ଷା ଦୃଷ୍ଟିରୁ ବିଦ୍ୟୁତ୍ ସରବରାହ ବନ୍ଦ କରାଯାଇଛି । ଏଣେ ସ୍ଥିତି ଅନୁଧ୍ୟାନ ପାଇଁ ମଙ୍ଗଳବାର ପିସିସିଏଫ୍ ଦେବବ୍ରତ ସ୍ୱାଇଁ ରାୟଗଡା ଆସୁଥିବା ଜଣାପଡିଛି ।



## ବାର୍ଷିକ କ୍ରୀଡା ଉଦ୍‌ଯାପିତ

**ମୁନିଗୁଡ଼ା, ୧୩।୧ (ଡି.ଏନ୍.ଏ.)**

ରାୟଗଡା ଜିଲା ମୁନିଗୁଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡା ଉଦ୍‌ଯାପିତ ହୋଇଯାଇଛି । ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଗିରିଜା ପ୍ରସାଦ ମିଶ୍ର ଓ ରଶ୍ମିତା ନାୟକ ସଂଯୋଜନା କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ମୁନିଖୋଲ ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଶୋକ କୁମାର ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ସଭାପତି ବି. ଉମାଶଙ୍କର ପାତ୍ର, ସମ୍ପାଦକ ପ୍ରଶାନ୍ତ ରତ୍ନାଲୁ, ରାମକୃଷ୍ଣ ପାଣିଗ୍ରାହୀ, ଭରତ ବନ୍ଧୁ ନାୟକ, ରଜତ ମହାରଣା ଯୋଗ ଦେଇ ଶିକ୍ଷା ସହ କ୍ରୀଡାର ନିହାତି ଆବଶ୍ୟକ । ପ୍ରତ୍ୟେକ ଶନିବାର ସମସ୍ତ ଛାତ୍ରୀଛାତ୍ରମାନଙ୍କୁ ଶାରୀରିକ ଅଭ୍ୟାସ କଲେ ପାଠପଢ଼ାରେ ସହାୟକ ହେବ ବୋଲି କହିଥିଲେ । ପରେ ବିଭିନ୍ନ କ୍ରୀଡ଼ାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଛାତ୍ରୀଛାତମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଏଥିସହ ମୁନିଗୁଡ଼ା ଯୁବ ଜାଦୁଗର ଅରୁଣ କୁମାର ଜାଦୁ ବିଦ୍ୟାକୁ ସମସ୍ତ ଛାତ୍ରୀଛାତ୍ରମାନେ ଆନନ୍ଦର ସହ ଉପଭୋଗ କରିଥିଲେ । ଉକ୍ତ ଉତ୍ସବକୁ ଶିଶୁ ମନ୍ଦିରର ଗୁରୁମା କଳ୍ପନା ଦାସ, ଗୀତାଞ୍ଜଳି ବେହେରା, ସୁଜାତା ନାୟକ, ପ୍ରୟଙ୍କା ସାହୁ, କୁସୁମାଞ୍ଜଳୀ ରଥ, ବାଣିଶ୍ରୀ ମିଶ୍ର, ଭାଗ୍ୟଶ୍ରୀ ପଣ୍ଡା ଓ ଗୁରୁଜୀ ସୁବ୍ରତ ପାତ୍ର, କିଶୋର ବାଗ ପ୍ରମୁଖ ପରିଚାଳନା ଓ ସହଯୋଗ କରିଥିଲେ ।

## ଓଡ଼ିଆ ବ୍ରାହ୍ମଣ ସେବା ସମାଜ ପକ୍ଷରୁ ବନ୍ଧୁମିଳନ

**ରାୟଗଡା ଅଫିସ୍, ୧୩।୧**

ସ୍ଥାନୀୟ କପିଳେଶ୍ୱର ମନ୍ଦିର ତୋଟାରେ କସ୍ତୁରୀନଗର ଓଡ଼ିଆ ବ୍ରାହ୍ମଣ ସେବା ସମାଜର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସମାଜ ସଭାପତି ଆନନ୍ଦ କୁମାର ପାଢ଼ୀ, ସମ୍ପାଦକ କିଶୋର ଚନ୍ଦ୍ର ପଣ୍ଡା, ପରିଚାଳନା ମଣ୍ଡଳୀ ଗୋପାଳକୃଷ୍ଣ ପାଳ, ନିହାର ରଞ୍ଜନ ପତି, ବିଜୟ କୁମାର ଚୌଧୁରୀ, ଲୁଲୁ ପାଢ଼ୀ, ମଙ୍ଗୁଳିଚରଣ ତ୍ରିପାଠୀଙ୍କ ସହ ନିମନ୍ତ୍ରିତ ବିଶିଷ୍ଟ ବ୍ୟକ୍ତି ସତ୍ୟବାଦୀ ପତି, ମଦନ ମୋହନ ପାଢ଼ୀ ଉପସ୍ଥିତ ଥିଲେ । ମହିଳା ଏବଂ ଝିଅମାନଙ୍କ ଦ୍ୱାରା ମ୍ୟୁଜିକାଲ ଚେୟାର ସହ ୧୦ଟଙ୍କିଆ ଲକି ଡ୍ର କରାଯାଇଥିଲା । ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।



ବନ୍ଧୁମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ସମାଜ ସଦସ୍ୟ ଓ ଅନ୍ୟମାନେ ।

■ ଆନ୍ଦୋଳନରତ ଜିଆରଏସଙ୍କୁ ଛଟେଇ ନିର୍ଦ୍ଦେଶ

# ୫ ଦିନ ହେଲା କାର୍ଯ୍ୟକାରୀ ହେଲାନି

**ବିଷମକଟକ, ୧୩।୧ (ଡି.ଏନ୍.ଏ.)**

ଗ୍ରାମ ରୋଜଗାର ସେବକମାନେ ବିଭିନ୍ନ ଦାବିରେ ୫୫ ଦିନରୁ ଊର୍ଦ୍ଧ୍ୱ ହେଲାଣି କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି । ଫଳରେ ବହୁ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ବିଭିନ୍ନ ସମୟରେ ରାଜ୍ୟ ସରକାର ଗ୍ରାମ ରୋଜଗାର ସେବକମାନଙ୍କୁ କାର୍ଯ୍ୟରେ ଯୋଗଦେବା ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ସେମାନେ କାର୍ଯ୍ୟରେ ଯୋଗ ଦେଇନାହାନ୍ତି। ଶେଷରେ ଗତ ୭ ତାରିଖରେ ରାଜ୍ୟ ସରକାର ଉକ୍ତ ଗ୍ରାମ ରୋଜଗାର ସେବକମାନଙ୍କୁ ଚାକିରିରୁ ଛଟେଇ କରିବା ନିମନ୍ତେ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଇତିମଧ୍ୟରେ ନିର୍ଦ୍ଦେଶନାମ ଜାରି ହେବାର ୫ ଦିନ ବିତିଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହୋଇପାରିନାହିଁ।

ରାଜ୍ୟ ସଂଘର ନିଷ୍ପତ୍ତି କ୍ରମେ ଗତ ନଭେମ୍ବର ୧୫ ତାରିଖରୁ ରାୟଗଡ଼ା ଜିଲା ବିଷମକଟକ ବ୍ଲକର ସମସ୍ତ ଗ୍ରାମ ରୋଜଗାର ସେବକ ସମୂହ ଛୁଟିରେ ଯାଇ ସ୍ଥାୟୀ ନିଯୁକ୍ତି ଦାବି କରି ବିଧାନସଭା ଆଗରେ ଧାରଣା ଦେଇଛନ୍ତି । ଫଳରେ ଗ୍ରାମପଞ୍ଚାୟତରେ ଜବକାର୍ଡଧାରୀମାନେ କାର୍ଯ୍ୟ ପାଇପାରୁ ନାହାନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ନଭେମ୍ବର ୧୫ ତାରିଖରେ ଗ୍ରାମ ରୋଜଗାର ସେବକମାନଙ୍କୁ ୨୪ ନଭେମ୍ବର ସୁଦ୍ଧା କାର୍ଯ୍ୟରେ ଯୋଗଦେବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା। ଉକ୍ତ ନିର୍ଦ୍ଦେଶନାମାକୁ ମଧ ଗ୍ରାମ ରୋଜଗାର ସେବକମାନେ ଖାତିର କରି ନ ଥିଲେ । ପୁଣି ରାଜ୍ୟ ସରକାର ଡ଼ିସେମ୍ବର ୧୨ ତାରିଖରେ ଗ୍ରାମ ରୋଜଗାର ସେବକମାନଙ୍କୁ ଚାକିରିରୁ ବହିଷ୍କାର କାହିଁକି କରାଯିବ ନାହିଁ ବୋଲି କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା । ସମସ୍ତ ନିର୍ଦ୍ଦେଶକୁ ଖାତିର ନ କରି ସେମାନେ କାର୍ଯ୍ୟରେ ଯୋଗଦେଲେ ନାହିଁ। ଶେଷରେ ପଞ୍ଚାୟତିରାଜ ବିଭାଗ ତରଫରୁ ଗତ ୭ ତାରିଖରେ ସେମାନଙ୍କୁ କାର୍ଯ୍ୟରୁ ଛଟେଇ କରିବା ନିମନ୍ତେ ଜିଲାପାଳମାନଙ୍କୁ ନିର୍ଦ୍ଦେଶନାମା ଜାରି କରିଥିଲେ । ଏଥିସହ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କୁ ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବା ନିମନ୍ତେ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ । ତଥାପି ଜିଆରଏସ କାର୍ଯ୍ୟରେ ଯୋଗ ଦେଇନାହାନ୍ତି । ଏ ନେଇ ବିଷମକଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଲବର୍ଟ ଲାକଡାଙ୍କୁ ପଚାରିବାରୁ, ରାଜ୍ୟ ସରକାରଙ୍କ ସମସ୍ତ ନିର୍ଦ୍ଦେଶକୁ ପାଳନ କରାଯାଇଛି । ଗ୍ରାମ ରୋଜଗାର ସେବକଙ୍କୁ ଡାକ ଯୋଗେ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। କିନ୍ତୁ ସେମାନଙ୍କଠାରୁ ବର୍ତ୍ତମାନ ସୁଦ୍ଧା କୌଣସି ଉତ୍ତର ଆସିନାହିଁ। ଗତ ଶନିବାର ପଞ୍ଚାୟତିରାଜ ବିଭାଗରୁ ଆସିଥିବା ନିର୍ଦ୍ଦେଶ ମୁତାବକ ଗ୍ରାମ ରୋଜଗାର ସେବକମାନଙ୍କୁ କାର୍ଯ୍ୟରୁ ଅବ୍ୟାହତ ଦେବା ନିମନ୍ତେ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ କାର୍ଯ୍ୟରେ ଯୋଗଦେବେ ନାହିଁ ବୋଲି ରାଜ୍ୟ ଜିଆରଏସ୍ ସଂଘ ପକ୍ଷରୁ କୁହାଯାଇଛି ।